ଚନ୍ଦ୍ରସେଖର ଗଜାନନ ଭୋଗାଓଙ୍କର

ବନାମ

ୟଶବନ୍ତ ଧୋଣ୍ଡି ପୋଦ୍ଦାର ଏବଂ ଅନ୍ୟମାନେ

28, ଅଗଷ୍ଟ 1995

[କେ. ରାମସ୍ୱାମୀ ଏବଂ ବି. ଏଲ. ହଂସାରିୟା, ନ୍ୟାୟମୁର୍ତ୍ତିଦ୍ୱୟ ]

*ଭାରତୀୟ ସମ୍ବିଧାନ, 1950:ଧାରା 136 ।*

*ଆବେଦନ-ଜମି ଦଖଲ-ମଧ୍ୟବର୍ତ୍ତୀକାଳୀନ ନିଷେଧାଦେଶ ମଞ୍ଜୁରୀ-ନିମ୍ନ ଅଦାଲତଗୁଡ଼ିକର ଅନୁସନ୍ଧାନ-ସର୍ବୋଚ୍ଚ ନ୍ୟାୟାଳୟଙ୍କ ହସ୍ତକ୍ଷେପ-ଆହ୍ୱାନ କରାଯାଇ ନାହିଁ ବୋଲି ନିର୍ଣ୍ଣିତ ହୋଇଥିଲା ।*

ଆବେଦନକାରୀ, ଆକ୍ଷେପିତ ଜମି ଅଧିକାରରେ ଅଛନ୍ତି କି ନାହିଁ ଏବଂ ମଧ୍ୟକାଳୀନ ନିଷିଦ୍ଧାଦେଶ ମଞ୍ଜୁର କରାଯିବା ଉଚିତ କି ବୋଲି ପଚରାଯାଇଥିବ ପ୍ରଶ୍ନରେ, ବିଚାରଣ ନ୍ୟାୟାଳୟ ଆବେଦନକାରୀଙ୍କ ସପକ୍ଷରେ ଏହାର ଫଳାଫଳ ଦେଇଥିଲେ କିନ୍ତୁ ପ୍ରଥମ ଅପିଲିୟ ନ୍ୟାୟାଳୟ ରାୟ ଦେଇଥିଲେ ଯେ ସେ ଜମି ଅଧିକାରରେ ନାହାଁନ୍ତି । ଉଚ୍ଚ ନ୍ୟାୟାଳୟ ଏଥିରେ ହସ୍ତକ୍ଷେପ କରିବାକୁ ମନା କରିଦେଇଥିଲେ ।

ଆବେଦନକୁ ଖାରଜ କରି, ଏହି ନ୍ୟାୟାଳୟ

ନିର୍ଣ୍ଣୟ ନେଇଥିଲେ ଯେ :ଏହି ପର୍ଯ୍ୟାୟରେ, ମାମଲାର ଗୁଣବତ୍ତା ଏବଂ ନିମ୍ନ ଅଦାଲତଗୁଡ଼ିକର ଫଳାଫଳକୁ ଯିବା ବାଞ୍ଛନୀୟ ନୁହେଁ, ଯାହା ପକ୍ଷମାନଙ୍କ ସ୍ୱାର୍ଥ ଉପରେ ପ୍ରତିକୂଳ ପ୍ରଭାବ ପକାଇବ ।

ଦେୱାନୀ ଆବେଦନ ଅଧିକାରିତା :ଦେୱାନୀ ଆବେଦନ ସଂଖ୍ୟା 8032/1995 ।

ଆଜ୍ଞାଦେଶ ଆବେଦନ ସଂଖ୍ୟା 3965/1994 ରେ ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କର 30.1.95 ର ରାୟ ଏବଂ ଆଦେଶରୁ ।

ଆବେଦନକାରୀ ପାଇଁ ଏ. ଏସ୍. ଭାସ୍ମି ।

ଉତ୍ତରଦାତାମାନଙ୍କ ପାଇଁ ଏସ୍. ବି. ଉପାଧ୍ୟାୟ ।

ନ୍ୟାୟାଳଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ପ୍ରଦାନ କରାଗଲା ।

ବିବାଦକୁ ସୌହାର୍ଦ୍ଦ୍ୟପୂର୍ଣ୍ଣ ଭାବରେ ସମାଧାନ କରିବା ପାଇଁ ପକ୍ଷମାନଙ୍କୁ ପ୍ରଭାବିତ କରିବା ଉଦ୍ଦେଶ୍ୟରେ ଏକ ବିଜ୍ଞପ୍ତି ଜାରି କରାଯାଇଥିଲା ଏବଂ ଉତ୍ତରଦାତାମାନଙ୍କ ପାଇଁ ବିଦ୍ୱାନ ଓକିଲ ନିରପେକ୍ଷ ଭାବରେ ଦାଖଲ କରିଥିଲେ ଯେ ସେ ସମାଧାନ ବିଷୟରେ ଅବଗତ ନୁହଁନ୍ତି ତେଣୁ ସେ କୌଣସି ଆପୋଷ ବୁଝାମଣା କରିବାକୁ ସେମାନଙ୍କ ଉପରେ ଚାପ ପକାଇବାରେ ଅସମର୍ଥ ।

ଆବେଦନକାରୀଙ୍କ ପାଇଁ ବିଦ୍ୱାନ ଓକିଲ ଶ୍ରୀ ଏ. ଏସ୍. ଭାସ୍ମି ଯୋଗ୍ୟତା ଆଧାରରେ ଯୁକ୍ତି ବାଢ଼ିଥିଲେ ଯେ ଆବେଦନକାରୀଙ୍କ ଜମି ଉପରେ ଅଧିକାର ନାହିଁ ବୋଲି ବିଚାରଣ ନ୍ୟାୟାଳୟଙ୍କର ଉପସଂହାରରେ ଭୁଲ ଥିଲା । ଜମି ଉପରେ କିଏ ଅଧିକାର କରିଛି ସେ ବିବାଦ ଭିତରକୁ ଆମେ ଯିବାକୁ ଚାହୁଁନାହୁଁ । ଏହା ସତ୍ୟ ଯେ, ପ୍ରଥମ ଦୃଷ୍ଟିଗତ ସାକ୍ଷ୍ୟ ଆଧାରରେ ବିଚାରଣ ନ୍ୟାୟାଳୟ ଜାଣିବାକୁ ପାଇଲେ ଯେ ଆବେଦନକାରୀ ଜମିର ଦଖଲରେ ଥିଲେ । ଏହା ମଧ୍ୟ ଦେଖିବାକୁ ମିଳିଥିଲା ଯେ ଯଦି ମଧ୍ୟବର୍ତ୍ତୀକାଳୀନ ନିଷିଦ୍ଧାଦେଶ ମଞ୍ଜୁର କରାଯାଏ ତେବେ ତାଙ୍କର ଅପୂରଣୀୟ କ୍ଷତି ଘଟିବ । ଆବେଦନ ଉପରେ, ଜିଲ୍ଲା ବିଚାରପତି ପ୍ରମାଣକୁ ପୁନର୍ବାର ପରୀକ୍ଷା କରିଥିଲେ ଏବଂ ଏହି ଉପସଂହାର ପହଞ୍ଚିଥିଲେ ଯେ ଆବେଦନକାରୀ ଜମିର ଦଖଲରେ ନାହାଁନ୍ତି । ଅନୁଚ୍ଛେଦ 227 ଅନୁଯାୟୀ ଉଚ୍ଚ ନ୍ୟାୟାଳୟଙ୍କ ନିକଟରେ ଆବେଦନ କରିବା ପରେ ଉଚ୍ଚ ନ୍ୟାୟାଳୟ ଏଥିରେ ହସ୍ତକ୍ଷେପ କରିନଥିଲେ ।

ଏହି ପର୍ଯ୍ୟାୟରେ, ମାମଲାର ଗୁଣବତ୍ତା ଏବଂ ନିମ୍ନ ଅଦାଲତଗୁଡ଼ିକର ଫଳାଫଳକୁ ଯିବା ବାଞ୍ଛନୀୟ ନୁହେଁ, ଯାହା ପକ୍ଷମାନଙ୍କ ସ୍ୱାର୍ଥ ଉପରେ ପ୍ରତିକୂଳ ପ୍ରଭାବ ପକାଇବ । ଏହି ପ୍ରସଙ୍ଗଟି ପ୍ରଥମ ଦୃଷ୍ଟିଗତ ମାମଲା ଏବଂ ମଧ୍ୟବର୍ତ୍ତୀକାଳୀନ ନିଷିଦ୍ଧାଦେଶ ପ୍ରଦାନ କରିବା କିମ୍ବା ପ୍ରତ୍ୟାଖ୍ୟାନ କରିବା ପାଇଁ ସୁବିଧାର ସନ୍ତୁଳନ ଥିଲା ।

ତଦନୁସାରେ ଆବେଦନକୁ ଖାରଜ କରାଯାଇଛି ।

ଟି. ଏନ୍. ଏ. ଆବେଦନ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର :
ମଦନ ମୋହନ ଭୂୟାଁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।